# NATIONAL NEWS BULLETIN (ODIA)
## 15 August - 2026
## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ଦେଶର ୧ କୋଟି ଯୁବବର୍ଗଙ୍କୁ କୃତ୍ରିମ ବୁଦ୍ଧିମତା ଦକ୍ଷତା ପ୍ରଶିକ୍ଷଣ ଦିଆଯିବ; କହିଲେ ପ୍ରଧାନମନ୍ତ୍ରୀ

– ଦିଲ୍ଲୀର ଐତିହାସିକ ଲାଲକିଲ୍ଲାଠାରୁ ଜାତୀୟ ପତାକା କଲେ ଉତ୍ତୋଳନ

- ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଗଣତାନ୍ତ୍ରିକ ଯାତ୍ରା ଏବଂ ବୈଶ୍ୱିକ ସହଯୋଗ ଦିଗରେ ଭାରତର ଭୂମିକାକୁ ବିଶ୍ୱସ୍ତରରେ ପ୍ରଶଂସା
- ଇଣ୍ଡୋନେସିଆ ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୩୮କୁ ବୃଦ୍ଧି

ଏବଂ

- ଏଫ୍.ଆଇ.ଏଚ୍ ହକି ବିଶ୍ୱକପ୍‌ର ଆଜିର ଉଦ୍‌ଘାଟନୀ ମ୍ୟାଚ୍‌ରେ ୱେଲ୍‌ସକୁ ୩-୧ ଗୋଲ୍‌ରେ ପରାସ୍ତ କଲା ଭାରତୀୟ ପୁରୁଷ ଦଳ

# ପ୍ରଧାନମନ୍ତ୍ରୀ- ସ୍ୱାଧୀନତା ଦିବସ

ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ଆୟୋଜିତ ଜାତୀୟସ୍ତରୀୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ସମ୍ବୋଧିତ କରି ଶ୍ରୀ ମୋଦୀ’ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ସ୍ୱପ୍ନକୁ ସଂକଳ୍ପ, ସଂକଳ୍ପକୁ ସାମର୍ଥ୍ୟ ଏବଂ ସାମର୍ଥ୍ୟକୁ ସଫଳତାରେ ପରିଣତ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ବେଳେ ନିଶ୍ଚିତ ଭାବେ ବିକଶିତ ଭାରତ ଗଠନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଏକବର୍ଷ ମଧ୍ୟରେ ଦେଶର ଏକ କୋଟି ଯୁବକ-ଯୁବତୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଦକ୍ଷତାର ପ୍ରଶିକ୍ଷଣ ଦିଆଯିବ। ଏହା ମାଧ୍ୟମରେ ଦେଶର ଯୁବ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବାରେ ସକ୍ଷମ ହୋଇପାରିବେ।

**V/O-PM-AI**

ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶରେ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଯୁବବର୍ଗଙ୍କ ପାଇଁ ନିଶୁଳ୍କ ଅନଲାଇନ୍ କୋଚିଂ ସମ୍ପର୍କରେ ମଧ୍ୟ ଘୋଷଣା କରିଛନ୍ତି। ଏହା ସହ ଦେଶରେ କ୍ରୀଡାକୁ ପ୍ରୋତ୍ସାହନ ଦେବା

ଉଦ୍ଦେଶ୍ୟରେ ୫ ବର୍ଷରୁ ୧୫ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଗ୍ରାମୀଣ, ସହର ଓ ବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ପ୍ରତିଭା ଅନ୍ୱେଷଣ ଅଭିଯାନ ଆରମ୍ଭ କରାଯିବ। ଏହା ମାଧ୍ୟମରେ କ୍ରୀଡା ପ୍ରତିଭାର ବିକାଶ ସହ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

ସେମିକଣ୍ଡକ୍ଟର ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଡିଜିଟାଲ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସେମିକଣ୍ଡକ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଦେଶରେ ବର୍ତ୍ତମାନ ୩ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନରେ ଆହୁରି ୮ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପଲବ୍ଧି କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରାଯିବା ଧାର୍ଯ୍ୟ ଲକ୍ଷ୍ୟ ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୬ କୋଟି ଲକ୍ଷପତି ଦିଦି ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହା ମାଧ୍ୟମରେ ଗ୍ରାମୀଣ ଅର୍ଥନୀତି ଆହୁରି  ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ୨୦୪୭ ମସିହାରେ ବିକଶିତ ଭାରତ ଗଠନ ଆଡକୁ ଅଗ୍ରସର ହେଉଛି। ଗତ ୧୨ ବର୍ଷ ମଧ୍ୟରେ କୋଟି କୋଟି ନାଗରିକଙ୍କ ସଂକଳ୍ପ ଓ ସମର୍ପଣ ସହ ଦେଶ ଉଚ୍ଚତାର ନୂତନ ଶିଖର ଛୁଉଁଛି।

ଦେଶର ୨୫ କୋଟିରୁ ଊର୍ଦ୍ଧ୍ୱ ନାଗରିକ ଦାରିଦ୍ର୍ୟ ସୀମାରେଖାରୁ ବାହାରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର ବିକାଶ ପାଇଁ ସପ୍ତଧାରା ସଂପର୍କରେ ଆଲୋଚନା କରିଛନ୍ତି।

ଏଥିରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ସହ ବିକଶିତ କରିବାକୁ ହେଲେ ଉତ୍ପାଦନଶକ୍ତି, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ଗତିଶକ୍ତି, ଭିତ୍ତିଭୂମି, ରକ୍ଷାଶକ୍ତି, ସବୁଜ ଏବଂ ନୀଳ ଅର୍ଥନୀତି ତଥା ଯୋଗ-ଆୟୁର୍ବେଦ, ପର୍ଯ୍ୟଟନ ଭଳି ସଫ୍ଟ ପାୱାରକୁ ସୁଦୃଢ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଗତ ୧୨ ବର୍ଷ ମଧ୍ୟରେ ପ୍ରତିରକ୍ଷା ଉତ୍ପାଦନ ପରିମାଣ ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି। ଖଦି ଓ ଗ୍ରାମୋଦ୍ୟୋଗର ଉତ୍ପାଦନ ପ୍ରାୟ ପାଞ୍ଚଗୁଣ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ପ୍ରାୟ ସାତଗୁଣ, ଆଧୁନିକ ରେଳ କୋଚ୍ ନିର୍ମାଣ ୨୧ ଗୁଣ, ମୋବାଇଲ୍ ଫୋନ୍ ଉତ୍ପାଦନ ୩୩ ଗୁଣ, ଇଣ୍ଟରନେଟ୍ ବ୍ୟବହାରକାରୀ ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି। ସେହିପରି ପେଟେଣ୍ଟ ମଞ୍ଜୁରି ସଂଖ୍ୟା ଚାରିଗୁଣ, ଡିଜିଟାଲ୍ ଟ୍ରାଞ୍ଜାକ୍ସନ୍ ୧୦୦ ଗୁଣ ବୃଦ୍ଧି ପାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**–V/O– PM-12-YEARS**

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆଜି ପ୍ରଥମଥର ପାଇଁ ଲାଲକିଲ୍ଲାଠାରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା।

# ୱାର୍ଲ୍ଡ ଲିଡର୍ସ-ଆଇ ଡେ’

ବିଶ୍ୱର ନେତାଗଣ ଏବଂ ବୈଦେଶିକ ମିଶନ ଆଜି ଭାରତକୁ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଶୁଭେଚ୍ଛାର ବାର୍ତ୍ତା ଦେଇଛନ୍ତି। ଭାରତର ଗଣତାନ୍ତ୍ରିକ ଯାତ୍ରା, ନାଗରିକ ଐତିହ୍ୟ ଏବଂ ଆଞ୍ଚଳିକ ଏବଂ ବୈଷୟିକ ସହଯୋଗ ଦିଗରେ ଏହାର ଭୂମିକାକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଛି। ବିଶ୍ୱର ନେତାମାନେ ଶୁଭେଚ୍ଛା ଜଣାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସମ୍ପର୍କ ଦୁଇଦେଶ ମଧ୍ୟରେ ସହଭାଗିତାକୁ ଅଧିକ ମଜଭୁତ କରିଛି।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ମାଲଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ସମେତ ଅନ୍ୟାନ୍ୟ ନେତାମାନଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ ହଜଜୋଗ’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତୀୟଙ୍କୁ ଏହି ଶୁଭେଚ୍ଛା ଜଣାଇଛନ୍ତି ।

ନେପାଳର ପ୍ରଧାନମନ୍ତ୍ରୀ ବଳେନ୍ଦ୍ର ଶାହାଙ୍କ ଶୁଭେଚ୍ଛାର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ନେପାଳ ମଧ୍ୟରେ ରହିଥିବା ପୁରାତନ ସମ୍ପର୍କକୁ ଅଧିକ ସୁଦୃଢ଼ ଏବଂ ବହୁମୁଖୀ କରିବା ଦିଗରେ ଉଭୟ ପ୍ରତିବଦ୍ଧତା ଦର୍ଶାଇଥିଲେ । ଉଭୟ ରାଷ୍ଟ୍ରର ଜନସାଧାରଣଙ୍କ ସୁଖ ଏବଂ ସମୃଦ୍ଧି କାମନା କରିଥିଲେ ।

# ସୂର୍ଯ୍ୟପଥ ତ୍ରିରଙ୍ଗା- କଲଚର ମିନିଷ୍ଟ୍ରି

ସ୍ୱାଧୀନତା ଦିବସକୁ ସ୍ୱତନ୍ତ୍ର ଏବଂ ପ୍ରତୀକାତ୍ମକ ସ୍ୱରୂପ ପାଳନ କରିବା ଉଦ୍ଦେଶ୍ୟରେ ସୂର୍ଯ୍ୟପଥ ତ୍ରିରଙ୍ଗା ବିଶ୍ୱସ୍ତରୀୟ ରିଲେ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହେଉଛି । ଏହି ପଦକ୍ଷେପ ଅଧୀନରେ ଜାତୀୟ ପତାକା’ ସୂର୍ଯ୍ୟୋଦୟର ପଥ ଅନୁସରଣ କରି ବିଶ୍ୱ ଭ୍ରମଣ କରୁଛି । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଜର୍ମାନୀ, ନେଦରଲାଣ୍ଡ, ଇଟାଲୀ, ଇଜିପ୍ଟ, ଲାଟଭିଆ ଏବଂ ଦକ୍ଷିଣ ଆଫ୍ରିକା ସମେତ ବିଭିନ୍ନ ଦେଶରେ ଥିବା ଭାରତୀୟ ମିଶନଗୁଡ଼ିକ ଏହି ରାଷ୍ଟ୍ରୀୟ ଗୌରବ ଏବଂ ଏକତା ଉତ୍ସବ ପାଇଁ

ପ୍ରବାସୀ ଭାରତୀୟମାନଙ୍କୁ ଏକାଠି କରିଛନ୍ତି। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସୂର୍ଯ୍ୟୋଦୟ ଅନୁସାରେ ସୂର୍ଯ୍ୟପଥ ତ୍ରିରଙ୍ଗା ଅଧୀନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। 'ହର୍ ଘର୍ ତ୍ରିରଙ୍ଗା-୨୦୨୬ ଅଭିଯାନ ଅଧୀନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ବିଶ୍ୱବାସୀଙ୍କ ବାର୍ତ୍ତା ଦେଉଛି, ଭୌଗୋଳିକ ସ୍ଥିତି ଭିନ୍ନ ସତ୍ତ୍ୱେ ତ୍ରିରଙ୍ଗା ଭାରତୀୟ ଏବଂ ଭାରତର ବନ୍ଧୁମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି।

## ବ୍ରିକ୍ସ ଆଇସିଟି ଟ୍ରାକ

ଟେଲି ଯୋଗଯୋଗ ବିଭାଗ ପକ୍ଷରୁ ପୁଣେଠାରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଟ୍ରାକ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ଥର କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ଆତ୍ମନିର୍ଭରଶୀଳ ଭବିଷ୍ୟତ ପାଇଁ ନବସୃଜନ, ସହଯୋଗ ଏବଂ ରୂପାନ୍ତରଣ'। ଏହି କାର୍ଯ୍ୟକ୍ରମ ସହିତ ସପ୍ତମ ବ୍ରିକ୍ସ ଆଇ.ସି.ଟି. କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆରମ୍ଭ ହେବ। ବୈଠକରେ ବିକଶିତ ଆଇ.ସି.ଟି. ଇକୋସିଷ୍ଟମ, ଡିଜିଟାଲ ଦକ୍ଷତା, ଦକ୍ଷତା ବିକାଶ ଏବଂ ମାନବ କୈନ୍ଦ୍ରିକ ଡିଜିଟାଲ ପରିବେଶ ସମ୍ପର୍କରେ ଆଲୋଚନା କରାଯିବ। ଚଳିତ ମାସ ୨୦ ତାରିଖରେ ଭାରତ' ଡିଜିଟାଲ

ବ୍ରିକ୍ସ ଫୋରମ୍ ଏବଂ ଏକ୍ସପୋର ଆୟୋଜନ କରିବ। ଏଥିରେ ଉଦୀୟମାନ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଏବଂ ଆତ୍ମନିର୍ଭରଶୀଳ ଆଇ.ସି.ଟି ଇକୋସିଷ୍ଟମ କ୍ଷେତ୍ରରେ ସହଯୋଗ ସ୍ଥାପନ ନେଇ ଆଲୋଚନା କରାଯିବ। ଉଦ୍‌ଯାପନୀ ଦିବସରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଦ୍ୱାଦଶ ବ୍ରିକ୍ସ ଯୋଗାଯୋଗ ମନ୍ତ୍ରିସ୍ତରୀୟ ବୈଠକରେ ଅଂଶଗ୍ରହଣ କରିବେ। ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମନ୍ତ୍ରୀମାନେ ବ୍ରିକ୍ସ ଆଇ.ସି.ଟି. ଟ୍ରାକ୍ ଏବଂ ଦୀର୍ଘସ୍ଥାୟୀ ଓ ଆତ୍ମନିର୍ଭରଶୀଳ ଆଇ.ସି.ଟି. ଇକୋସିଷ୍ଟମ କ୍ଷେତ୍ରରେ ସହଯୋଗ, ସାଇବର ସୁରକ୍ଷା, ଆଇ.ସି.ଟି.ରେ ବିଶ୍ୱସନୀୟ, ନବସୃଜନ, ଷ୍ଟାର୍ଟଅପ୍ ଏବଂ ଉଦ୍ୟମିତା ସମ୍ପର୍କରେ ସେମାନଙ୍କର ମତାମତ ପ୍ରଦାନ କରିବେ।

## ଇଣ୍ଡୋନେସିଆ ଆର୍ଥକ୍ୱେକ୍

ଇଣ୍ଡୋନେସିଆର ଫ୍ଲୋରେସ୍ ଦ୍ୱୀପରେ ଆଜି ସକାଳେ ହୋଇଥିବା ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୩୮କୁ ବୃଦ୍ଧି ପାଇଛି। ସେଠାରେ ଭୂମିକମ୍ପର ତୀବ୍ରତା ୭ ଦଶମିକ ୭ ରେକର୍ଡ କରାଯାଇଥିଲା। ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ଯାଇ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଫ୍ଲୋରେସ୍‌ର ସିକ୍କା ରେଜେନ୍ସି ସହରରୁ ୨୦ଟି ମୃତଦେହ ଉଦ୍ଧାର

କରାଯାଇଛି। ଭଙ୍ଗାରୁଜା ଅଂଶତଳେ ଅନେକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି। କେତେକ ସ୍ଥାନରେ ଭୂସ୍ଖଳନ ଘଟିଥିବା ସୂଚନା ମିଳିଛି। ଘର ଏବଂ ରାସ୍ତାଘାଟ ଭାଙ୍ଗିଯିବା ଯୋଗୁଁ ଯୋଗାଯୋଗ ଏବଂ ଉଦ୍ଧାରକାର୍ଯ୍ୟ ବ୍ୟାହତ ହୋଇଛି।

## ଏଫ୍.ଆଇ.ଏଚ୍

ଏଫ୍.ଆଇ.ଏଚ୍– ହକି ବିଶ୍ୱକପ୍-୨୦୨୬ ଆଜିଠାରୁ ଆରମ୍ଭ ହୋଇଛି। ବେଲଜିୟମ ଓ ନେଦରଲାଣ୍ଡ ମିଳିତ ଭାବେ ଏହି ପ୍ରତିଯୋଗିତାର ଆୟୋଜନ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଜି ଭାରତୀୟ ପୁରୁଷ ହକି ଦଳ ୱେଲ୍ସକୁ ୩/୧ ଗୋଲ୍‌ରେ ପରାସ୍ତ କରିଛି। ଆସନ୍ତା ସୋମବାର ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## କ୍ରିକେଟ

ଶ୍ରୀଲଙ୍କାର ଗାଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଭାରତ–ଶ୍ରୀଲଙ୍କା ପୁରୁଷ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ ଦୁଇ ୱିକେଟ୍ ହରାଇ ୨୮୮ ରନ୍ ସଂଗ୍ରହ କରିଛି। ଭାରତ ପ୍ରଥମେ

ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦେବଦୂତ ପଡ଼ିକଲ ସର୍ବାଧିକ ୧୩୧ ରନ୍ ସଂଗ୍ରହ କରିଛନ୍ତି ।